# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 24 May – 2024

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ଆସନ୍ତାକାଲି ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ସେହି ଲୋକସଭା ଆସନ ଗୁଡ଼ିକ ହେଉଛି ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର ଓ ଢେଙ୍କାନାଳ । ଏହି ପର୍ଯ୍ୟାୟରେ ୯୪ଲକ୍ଷ ୪୮ହଜାର ୫୫୩ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ । ଏହି ପର୍ଯ୍ୟାୟରେ ୪୪୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ।

ଏହି ପର୍ଯ୍ୟାୟରେ ଷ୍ଟ୍ରଙ୍ଗ ରୁମ୍ ବ୍ୟତୀତ ଭୋଟ୍‌ଗ୍ରହଣ କେନ୍ଦ୍ରରେ ୧୨୧କମ୍ପାନୀ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ନିୟୋଜିତ ହେବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ।

## ଦେଶରେ ଷଷ୍ଠ ପର୍ଯ୍ୟାୟ ମତଦାନ

ଦେଶର ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଆସନ୍ତାକାଲି ଓଡ଼ିଶା ସମେତ ବିହାର, ହରିୟାଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ ଜାମ୍ମୁ କାଶ୍ମୀରରେ ୫୮ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ

ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଅନ୍ୟପକ୍ଷରେ ଦେଶରେ ଗତ ୨୦ ତାରିଖରେ ଅଣଚାଶଟି ସଂସଦୀୟ କ୍ଷେତ୍ର ପାଇଁ ଅନୁଷ୍ଠିତ ନିର୍ବାଚନରେ ୬୨ଦଶମିକ ୨ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଆୟୋଗ କହିଛନ୍ତି ।

## ଜବତ ଟଙ୍କା

ନିର୍ବାଚନ ସମୟରେ ବେଆଇନ ଟଙ୍କା, ମଦ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟର କାରବାରକୁ ରୋକିବା ନେଇ ବିଭିନ୍ନ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ତଲାସୀ ଜାରି ରହିଛି । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୨୬୩କୋଟି ୫୦ଲକ୍ଷ ଟଙ୍କା ଜବତ କରାଯାଇଛି । ଆସନ୍ତାକାଲିର ତୃତୀୟ ପର୍ଯ୍ୟାୟର ୬ଟି ସଂସଦୀୟ କ୍ଷେତ୍ରରୁ ୧୨କୋଟି ୨୨ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି ।

ଅନ୍ୟପକ୍ଷରେ ସି-ଭିଜିଲ୍ ଆପ୍‌ରେ ୬ଟି ଲୋକସଭା କ୍ଷେତ୍ରରୁ ୪ ହଜାର ୯୦୦ ଅଭିଯୋଗ ନିର୍ବାଚନ କମିଶନ ପାଇଛନ୍ତି । ସେଥିମଧ୍ୟରୁ ଯାଞ୍ଚ ପରେ ୩ ହଜାର ୮୦୦ ଅଭିଯୋଗର ସତ୍ୟତା ଥିବା ଜଣାପଡିଛି ।

# ପୋଲିଂ ଅଧିକାରୀ ନିୟୋଜିତ

ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତାକାଲି ହେବାକୁ ଥିବା ଭୋଟ୍‌ଗ୍ରହଣ ପାଇଁ ୧୫ହଜାର ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି । ଜିଲ୍ଲାର ୧ହଜାର

୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି ମହିଳାମାନଙ୍କ ଦ୍ୱାରା, ୮ଟି ଦିବ୍ୟାଙ୍ଗ ଓ ୪୦ଟି ଯୁବ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ।

ଅନୁଗୁଳ ଜିଲ୍ଲାରେ ଭୋଟ୍‌ପାଇଁ ୧ହଜାର ୧୬୩ଟି ମତଦାନ କେନ୍ଦ୍ରରେ ୬ହଜାର ୯୭୮ଜଣ ପୁଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

ସେହିଭଳି ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୬୨ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ହେବ । ଏଥିରେ ୭ଟି ସଖୀ ବୁଥ୍ ୪ଟି ପରିବେଶ ଅନୁକୂଳ ବୁଥ୍ ରହିଛି ଆମ ସମ୍ବଲପୁର ସମ୍ବାଦଦାତା ଜଣାଇଛନ୍ତି ।

## ପ୍ରଧାନମନ୍ତ୍ରୀ, ଶାହାଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ସେହିପରି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆସନ୍ତା ରବିବାର ଦିନ ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ଡକ୍ଟର ଅରବିନ୍ଦ ପାଢ଼ୀଙ୍କୁ ରାଜ୍ୟ ସରକାର ଦାୟିତ୍ୱ ଦେଇଛନ୍ତି । କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଦାୟିତ୍ୱ ସହିତ ଶ୍ରୀ ପାଢ଼ୀ ମୁଖ୍ୟ ପ୍ରଶାସକ ଦାୟିତ୍ୱ ନିର୍ବାହ କରିବେ ।

# ଭିଟାମିନ୍-ଏ ଡୋଜ୍-ଶିଶୁ

ରାଜ୍ୟରେ ୫ବର୍ଷରୁ କମ୍ ଶିଶୁମାନଙ୍କୁ ଭିଟାମିନ୍-ଏର ନବମ ଡୋଜ୍ ଦିଆଯାଇଛି । ଜାତୀୟ ସ୍ତରରେ ୮୪ଦଶମିକ ୨ ପ୍ରତିଶତ ଶିଶୁଙ୍କୁ ଭିଟାମିନ୍-ଏ ଡୋଜ୍ ଦିଆଯାଉଥିବା ବେଳେ ଓଡ଼ିଶାରେ ଏହାର ହାର ୧୨୩ ଦଶମିକ ୭ ପ୍ରତିଶତ ରହିଛି । ଓଡ଼ିଶା ସର୍ବଭାରତୀୟ ସ୍ତରରେ ଶିଶୁମାନଙ୍କୁ ଭିଟାମିନ୍-ଏ ଡୋଜ୍ ଦେବାରେ  ଦ୍ୱିତୀୟ ସ୍ଥାନରେ ରହିଛି । ଝାଡଖଣ୍ଡରେ ସର୍ବାଧିକ ୧୩୨ ଦଶମିକ ୯ ପ୍ରତିଶତ ଶିଶୁ ଭିଟାମିନ୍-ଏ ଡୋଜ୍ ଗ୍ରହଣ କରିଛନ୍ତି । ଭିଟାମିନ୍-ଏ ଡୋଜ୍ ନେବାଫଳରେ ଶିଶୁମାନଙ୍କର ଚକ୍ଷୁଜନିତ ରୋଗ ଦୂର ହୋଇଥାଏ ।

# ରଥନିର୍ମାଣ

ପୁରୀରେ ଶ୍ରୀଜୀଉମାନଙ୍କ ରଥଯାତ୍ରା ପାଇଁ ଗତକାଲି ଭୋଇ ସର୍ଦ୍ଦାର ରବି ଭୋଇ ଯନ୍ତା ଗାଡରେ ସିଙ୍ଗଡା ବାଡିଆ ଅନକୂଳ ହୋଇଛି । ତୁମ୍ବ ସହିତ ଅର ସଂଯୁକ୍ତ ହୋଇ ସିଙ୍ଗଡା ପ୍ରସ୍ତୁତ ହୋଇଛି । ସିଙ୍ଗଡା ପ୍ରସ୍ତୁତ ପରେ

ଏହା ସହ ମାପକରି ମୁଖ୍ୟ ବିଶ୍ୱକର୍ମା ପହିରେ ବିନ୍ଧ ଅନୁକୂଳ କରିଛନ୍ତି । ଚଳିତବର୍ଷ ରଥନିର୍ମାଣ କାର୍ଯ୍ୟରେ ୧୫୦ଜଣ ବିନ୍ଧାଣୀ କାର୍ଯ୍ୟରତ ଅଛନ୍ତି । ସୂଚନାଯୋଗ୍ୟ ଆସନ୍ତା ୨୯ତାରିଖରେ ଠାକୁରଙ୍କର ଚନ୍ଦନଯାତ୍ରା ଭଉଁରୀ ଉତ୍ସବ ଅନୁଷ୍ଠିତ ହେବ । ସେହିଦିନ ରଥଚକ ସହ ଅଖ ସଂଯୁକ୍ତ ହେବାର ବିଧି ରହିଛି ।

## ଆଲୋଚନାଚକ୍ର

ସମ୍ବଲପୁର ଆଇଆଇଏମ୍ ପରିସରରେ ଆଇ.ଆଇ.ଏମ୍ ସମ୍ବଲପୁର ଓ ଆଇ.ସି.ଏସ୍.ଏସ୍.ଆର୍. ସହଯୋଗରେ ସ୍ୱାଧୀନତା ସଂଗ୍ରାମର ଅଜ୍ଞାତ ଦିଗ ଉପରେ ଦିନିକିଆ ଜାତୀୟ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଛି । ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଅଜ୍ଞାତ ଦିଗ ତଥା ନିରନ୍ତର ପରିଚାଳନା ସହ ଜଡ଼ିତ ଜୀବନ୍ତ ସାଂସ୍କୃତିକ ଐତିହ୍ୟ ଓ ଲୋକ ପରମ୍ପରା ଉପରେ ଆଲୋଚନା ହୋଇଥିଲା ।

# କଇଁଛ – ଅଣ୍ଡାଦାନ

କେନ୍ଦ୍ରାପଡା ଜିଲ୍ଲା ରାଜନଗରର ଗହୀରମଥାରେ ୪୫ଦିନ ପରେ ଲକ୍ଷଲକ୍ଷ ମା' କଇଁଛମାନେ ଅଗରନାସୀ-୨ରେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଶେଷ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ୨୫ହଜାର କଇଁଛ ଶାବକ ଅଣ୍ଡାରୁ ବାହାରି ସମୁଦ୍ର ଭିତରକୁ ଯାଇଛନ୍ତି । ଚଳିତବର୍ଷ ରାଜନଗର ଅଞ୍ଚଳର ଗହୀରମଥାରେ ଏପ୍ରିଲ ମାସ ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ

ହୋଇଥିବା ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ୩ଲକ୍ଷ ୧ହଜାର ଶହେ ଅଣଷଠୀ ମା' କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଅଣ୍ଡା ଗୁଡ଼ିକରୁ ଶାବକ ଜନ୍ମନେଇ ସମୁଦ୍ରକୁ ଯିବା ସମୟର ଅପୂର୍ବ ଦୃଶ୍ୟ ବହୁତ ଆକର୍ଷଣୀୟ ଥିଲା । ଅଣ୍ଡାରୁ ଛୁଆ ଫୁଟାଇବା ସମୟରେ ବିଭିନ୍ନ ଜନ୍ତୁମାନଙ୍କ ଦାଉରୁ ଅଣ୍ଡାକୁ ରକ୍ଷା କରିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର-ପୂର୍ବ ଦିଗରେ ଗତିକରି ପଶ୍ଚିମ-କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ରହିଛି । ଏହା ଉତ୍ତର-ପୂର୍ବ ଦିଗରେ ଗତିକରିବା ସହିତ ଘନୀଭୂତ ଆଜି ସୁଦ୍ଧା ଅବପାତରେ ବଦଳିବାର ସମ୍ଭାବନା ରହିଛି । ଆସନ୍ତାକାଲି ସଂଧ୍ୟା ସୁଦ୍ଧା ଉତ୍ତର-ପୂର୍ବ ଏବଂ ଏହାକୁ ଲାଗି ରହିଥିବା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାଖାପାଖି ଅଞ୍ଚଳରେ ପହଞ୍ଚିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତାକାଲି ଏବଂ ରବିବାର ସଂଧ୍ୟାସୁଦ୍ଧା ଭୀଷଣ ବାତ୍ୟା ଭାବେ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ପହଞ୍ଚିବ ।